## ଆଜି ଅନୁଗୋଳରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ - ସୁସ୍ଥ ହେଲେ ୩୮ ଜଣ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୪୧୮ରେ ।

ଆଜି ଅନୁଗୋଳ ଜିଲ୍ଲାରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଂକ ମଧ୍ୟରୁ ବଣଁରପାଳ ବ୍ଲକ୍ ଅଂଚଳରୁ ସର୍ବାଧିକ ୧୦ ଜଣ, ଅନୁଗୋଳ ବ୍ଲକ୍ ଅଂଚଳରୁ ୫ ଜଣ, ତାଳଚେର ବ୍ଲକ୍ ଅଂଚଳରୁ ୩ ଜଣ,ପାଲଲହଡା ବ୍ଲକ୍ ଅଂଚଳରୁ ୨ ଜଣ,ଅନୁଗୋଳ ପୌରାଂଚଳରୁ ୨ ଜଣ ଓ ଜଣେ କିଶୋରନଗର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଛନ୍ତି ।

ବଣଁରପାଳ ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୧୦ ଜଣଂକ ମଧ୍ୟରେ ୬ ଜଣ ପୁରୁଷ ଯାହାଂକ ବୟସ ଯଥାକ୍ରମେ ୨୫,୨୫,୨୭,୩୩,୩୯ ଓ ୫୦ ବର୍ଷ ହୋଇଥିବାବେଳେ ୩ ଜଣ ମହିଳାଂକ ବୟସ ଯଥାକ୍ରମେ ୩୦,୩୦ ,୨୦ ଓ ଜଣେ ବାଳକଂକ ବୟସ ୧୩ ବର୍ଷ ଅଟେ । ୩୦ ବର୍ଷିୟା ମହିଳା ଜଣଂକ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପଜିଟିଭ ହୋଇଥିବାର ଜଣାପଡିଛି । ଅବଶିଷ୍ଟ ୯ ଜଣ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି ।

ଅନୁଗୋଳ ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୫ ଜଣ ଆକ୍ରାନ୍ତଂକ ମଧ୍ୟରେ ୪ ଜଣ ମହିଳାଂକ ବୟସ ଯଥାକ୍ରମେ ୨୬,୩୯,୬୦ ଓ ୭୦ ବର୍ଷ ହୋଇଥିବାବେଳେ ଜଣେ ପୁରୁଷଙ୍କ ବୟସ ୨୩ ବର୍ଷ ଅଟେ । ୨୬,୩୯ ଓ ୬୦ ବର୍ଷିୟା ମହିଳା ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।୭୦ ବର୍ଷିୟା ମହିଳା ଜଣଂକ ଅନ୍ୟ

ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୨୩ ବର୍ଷିୟ ପୁରୁଷ ଜଣଙ୍କ ଭୁବନେଶ୍ୱରର ଏକ ସରକାରୀ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ତାଳଚେର ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୩ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ପୁରୁଷଙ୍କ ବୟସ ୨୬,ଜଣେ ମହିଳାଂକ ବୟସ ୨୩ ଓ ଜଣେ ଶିଶୁର ବୟସ ୨ ବର୍ଷ ଅଟେ । ଏହି ୩ ଜଣ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ଚିହ୍ନଟ ହୋଇଛନ୍ତି ।

ପାଲଲହଡା ବ୍ଲକ୍ ଅଂଚଳରୁ ଚିହ୍ନଟ ହୋଇଥିବା ୨ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ୩୧ ବର୍ଷିୟ ଓ ଜଣେ ୪୪ ବର୍ଷିୟ ପୁରୁଷ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଅନୁଗୋଳ ପୌରାଂଚଳରୁ ଚିହ୍ନଟ ହୋଇଥିବା ୨ ଜଣଂକ ମଧ୍ୟରେ ଜଣେ ପୁରୁଷ ଯାହାଂକ ବୟସ ୫୫ ଓ ଜଣେ ମହିଳାଂକ ବୟସ ୨୩ ବର୍ଷ ଅଟେ । ପୁରୁଷ ଜଣଂକ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ମହିଳା ଜଣଂକ ଗଂଜାମରୁ ଫେରି ପେଡ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ।

ସେହିପରି କିଶୋରନଗର ବ୍ଲକରୁ ଚିହ୍ନଟ ହୋଇଥିବା ଜଣେ ୭୦ ବର୍ଷୀୟ ପୁରୁଷ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଏହି ୨୩ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ଜଣ ଆକ୍ରାନ୍ତଙ୍କୁ ଚିକିତ୍ସା ନିମନ୍ତେ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୨୩ ଜଣ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧୮ ରେ ପହଂଚିଲା । ଇତି ମଧ୍ୟରେ ୩୮ ଜଣ ସୁସ୍ଥ ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୨୬୭ ଜଣଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୩୦୫ ରେ ପହଂଚିଲାଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

**ଜ୍ଞାପକ ସଂଖ୍ୟା. ୫୧୨ ତା.୮.୮.୨୦୨୦**

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(signature) ୮/୮/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ